# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୧.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଚେୟାର୍‌ପର୍‌ସନ୍,
୨. ଶ୍ରୀ ରାଜକିଶୋର ଦାସ,
୩. ଶ୍ରୀ ଶିବ ପ୍ରସାଦ ବେହେରା,
୪. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୫. ଶ୍ରୀମତୀ ଅଲିଅଳି ମଲ୍ଲିକ୍,
୬. ଅସିୟା ବେଗମ୍

ଅଦ୍ୟ ତା ୧୭.୦୧.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଦୋକାନ ଏବଂ ଗୃହ ଗୁଡ଼ିକରୁ ସଠିକ୍ ଭାବରେ ଟ୍ରେଡ୍ ଲାଇସେନ୍ସ ଏବଂ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ହୋଇପାରିନଥିବାରୁ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୨) ତା ୦୨.୦୬.୨୦୨୨ ରିଖରେ OPTCL ଠାରୁ ବ୍ୟବସାୟୀକ ସ୍ଥଳକୁ ବିଦ୍ୟୁତ୍ ସଂଯୋଗର ତାଲିକା ଆଣି ଟ୍ରେଡ୍ ଲାଇସେନ୍ସ ଆଦାୟ କରିବା ଏବଂ କମିଟି ନିର୍ଦ୍ଧାରଣ ସଂଖ୍ୟା-୧(୧) ତା ୧୬.୦୯.୨୦୨୨ ରିଖରେ ଟ୍ରେଡ୍ ଲାଇସେନ୍ସ ଏବଂ ବ୍ୟବସାୟିକ ଭିତିରେ ବ୍ୟବହାର ହେଉଥିବା ଗୃହରୁ Commercial Holding Tax ଆଦାୟ କରିବା ପାଇଁ ନିଷ୍ପତି ହୋଇଥିଲା । ଏହା ଉପରେ କ'ଣ ପଦକ୍ଷେପ ନିଆଯାଇଅଛି ଏବଂ OPTCL ତଥ୍ୟକୁ ଭିତିକରି କେତେ ଟ୍ରେଡ୍ ଲାଇସେନ୍ସ ଏବଂ Commercial Holding Tax କରାଯାଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପ ଆୟୁକ୍ତ, ରାଜସ୍ୱ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ବୈଠକରେ ଉପସ୍ଥାପିତ ଡ଼ିସେମ୍ବର-୨୨ ମାସ ଆୟ ବ୍ୟୟ ହିସାବ ଫର୍ଦ୍ଦରେ, ନାଳ ନିର୍ମାଣ ବାବଦକୁ ଟ ୫,୧୧,୦୭,୦୩୮/- (ପାଂଚ କୋଟି ଏଗାର ଲକ୍ଷ ସାତ ହଜାର ଅଠତିରିଶ ଟଙ୍କା) ଖର୍ଚ୍ଚ ଦର୍ଶାଯାଇଅଛି ଏବଂ ଟଏଲେଟ୍ ବାବଦକୁ ଟ ୧,୨୭,୧୦,୧୧୭/- (ଏକ କୋଟି ସତେଇଶି ଲକ୍ଷ ଦଶ ହଜାର ଏକ ଶହ ସତର ଟଙ୍କା) ଖର୍ଚ୍ଚ ଦର୍ଶାଯାଇଅଛି । ଏହିସବୁ ଅର୍ଥ କେଉଁ କେଉଁ ବାବଦକୁ ଖର୍ଚ୍ଚ ହୋଇଅଛି ତାହାର ସମ୍ପୂର୍ଣ୍ଣ ତଥ୍ୟ (Detail report) ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର ବିତ ଅଧିକାରୀଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୩). ବୈଠକରେ ଉପସ୍ଥାପିତ ଡ଼ିସେମ୍ବର-୨୨ ମାସ ଆୟ ବ୍ୟୟ ହିସାବ ଫର୍ଦ୍ଦରେ, ଗାଡ଼ି ତେଲ ବାବଦକୁ ପ୍ରତ୍ୟେକ ମାସରେ ପ୍ରାୟ ଏକ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ଦର୍ଶାଯାଇଅଛି, ତେଣୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ଗାଡ଼ିରେ GPS ଲଗାଯାଉ, ବିନା GPS ଗାଡ଼ିର ବିଲ୍ ପୈଠ ନକରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଘର ଗୁଡ଼ିକର Door to Door Numbering (DDN) survey ର Household Survey List ର Data base କୁ ପୁନଃ ସମୀକ୍ଷା କରିବା ପାଇଁ ଅତି କମ୍‌ରେ ପ୍ରତ୍ୟେକ ଜୋନ୍‌ରେ ଗୋଟିଏ ଲେଖାଏଁ ୱାର୍ଡ଼ର Survey List ଚେକ୍ କରିବା ପାଇଁ ଜୋନାଲ୍ ଡ଼େପୁଟି କମିଶନରଙ୍କ ଅଧକ୍ଷତାରେ ୱାର୍ଡ଼ ଅଫିସର୍, ୱାର୍ଡ଼ ସୁପରଭାଇଜର୍, ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର ଏବଂ ପାଖ ୱାର୍ଡ଼ର ୱାର୍ଡ଼ ଅଫିସରଙ୍କୁ ନେଇ ଏକ କମିଟି ଗଠନ କରାଯାଇ କମିଟିଙ୍କ ଉପସ୍ଥିତିରେ ଜୋନ୍ ଅଫିସ୍ ପାଖ ୱାର୍ଡ଼ର Survey List କୁ Cross Check କରାଯିବା ପାଇଁ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୨) ତା ୧୬.୦୯.୨୦୨୨ ରିଖରେ ନିଷ୍ପତି ନେଇଥିଲେ, ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ, ତେଣୁ ଏହି କାର୍ଯ୍ୟ ଶୀଘ୍ର କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ବୈଠକରେ ଉପସ୍ଥାପିତ ଡ଼ିସେମ୍ବର ମାସ ଆୟ ବ୍ୟୟ ହିସାବ ଫର୍ଦ୍ଦରେ ଟ ୨,୨୧,୩୯,୩୧୨/- OUIDF ରୁ ଆଣିଥିବା ଲୋନ୍ ପାଇଁ ସୁଧ ଓ ମୂଳ ବାବଦକୁ ଖର୍ଚ୍ଚ ଦର୍ଶାଯାଇଅଛି । OUIDF ରୁ କେତେ ଅର୍ଥ କେଉଁ କେଉଁ କାର୍ଯ୍ୟ ପାଇଁ ଅଣାଯାଇଥିଲା, ସେହିସବୁ କାର୍ଯ୍ୟର ଅଗ୍ରଗତି କ'ଣ ହୋଇଅଛି, ସେଠାରୁ ବି ଏମ୍ ସି କେତେ ଅର୍ଥ ଆଦାୟ କରିଅଛି ତାହାର ତଥ୍ୟ ବିତ ଅଧିକାରୀ ଓ  ନଗର ଯନ୍ତ୍ରୀ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବେ । ଏହି ଅର୍ଥରେ ନୟାପଲ୍ଲୀ ସ୍ଥିତ ହଜ ପୋଖରୀ ନିର୍ମାାଣ ହେଉଅଛି, ଏହାର ଅଗ୍ରଗତିର ସ୍ଥିତି ଦେଖିବା ପାଇଁ କମିଟି ତା ୧୪.୦୭.୨୦୨୨ ରିଖରେ ନିଷ୍ପତି ନେଇଥିଲେ ମଧ ଏଥିପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ, ତେଣୁ ଆସନ୍ତା ମାସ ବୈଠକ ପୂର୍ବରୁ ନୟାପଲ୍ଲୀ ହଜ ପୋଖରୀ ନିର୍ମାଣ କାର୍ଯ୍ୟର ସ୍ଥିତି ପରିଦର୍ଶନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ୫.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ପ୍ରୀତିନନ୍ଦା ରାଉତରାୟ
ସଭାପତି
ତା ୧୭.୦୧.୨୦୨୩ ରିଖ